Chapter- 8

# ସୁନ୍ଦର ଆମର ଘର

## WORKSHEET

୧. ଅପଠିତାଂଶଟିକୁ ପଢ଼ି ପ୍ରଶ୍ନଉତ୍ତର ଦିଅ।

ପୁରୀ ମନ୍ଦିର ଯିବାକୁ ହେଲେ
ବାଟେ ଚନ୍ଦନପୁର,
ପିପିଲିଠାରେ ଚାନ୍ଦୁଆ ମିଳେ
ଆହା କେଡ଼େ ସୁନ୍ଦର
କାଳିଆ ଦିଅଁ ନନ୍ଦର ପୁଅ
ହସନ୍ତି ମନ୍ଦ ମନ୍ଦ
ଯାଜପୁରର ବନ୍ଧୁଆ ଭାଇ
ପାଇଁ କରିଲେ ଛନ୍ଦ।

କ) କାଳିଆ ଦିଅଁ କାହାର ପୁଅ ଅଟନ୍ତି ?

ଉ: କାଳିଆ ଦିଅଁ ନନ୍ଦର ପୁଅ ଅଟନ୍ତି

ଖ) ପୁରୀ ମନ୍ଦିର ଯିବା ବାଟରେ କ'ଣ ପଡ଼େ ?

ଉ: ପୁରୀ ମନ୍ଦିର ଯିବା ବାଟରେ ଚନ୍ଦନପୁର ପଡ଼େ ।

ଗ) ପିପିଲିରେ କ'ଣ ମିଳେ ?

ଉ: ପିପିଲିରେ ଚାନ୍ଦୁଆ ମିଳେ

ଘ) କାଳିଆ ଦିଅଁ କିପରି ହସନ୍ତି ?

ଉ: କାଳିଆ ଦିଅଁ ମନ୍ଦ ମନ୍ଦ କରି ହସନ୍ତି ।

ଙ) ବନ୍ଧୁଆ ଭାଇ କେଉଁ ଅଞ୍ଚଳର ଲୋକ ଥିଲେ ?

ଉ: ବନ୍ଧୁଆ ଭାଇ ଯାଜପୁରର ଲୋକ ଥିଲେ ।

୨. ଖାଲିଘର ପୂରଣ କର।

(ନଈ ବନ୍ଧ, ମନ୍ଦାର, ପରିବେଶ, ଅପରାଜିତା, ସୁନ୍ଦର)

କ) ଜାତି ଜାତି ମନ୍ଦାର ରେ ହସେ ଆମ ବଗିଚା।

ଖ) ନିରିମଳ ପରିବେଶ ଚାରିଆଡ଼ ଘେରଚା।

ଗ) ଅପରାଜିତା ର ଲତା ମାଡ଼ିଥାଏ ବାଡ଼ରେ।

ଘ) ସୁନ୍ଦର ଘରକୁ ଆମେ କରୁନା ତ ଅସନା।

ଙ) ଘରଟି ଆମର ଅଛି ନଈ ବନ୍ଧ କଡ଼ରେ।

୩. ସଜାଡ଼ି ଲେଖ।

ଶବେପରି - ପରିବେଶ

ବନ୍ଧୁଭାଇ - ଭାଇବନ୍ଧୁ

ନ୍ଦନଆ - ଆନନ୍ଦ

ନ୍ଦରସୁ - ସୁନ୍ଦର

ନ୍ଧବଈନ - ନଈବନ୍ଧ

୪. ବଚନ ବଦଳାଇ ଲେଖ।

ବନ୍ଧୁକ - ବନ୍ଧୁକଗୁଡିକ

ମନ୍ଦାରଫୁଲ - ମନ୍ଦାରଫୁଲଗୁଡିକ

୫. ବାକ୍ୟଗଠନ କର।

ମନ୍ଦିର - ଆମେ ଆଜି ପୁରୀ ମନ୍ଦିରକୁ ଯାଉଛୁ

ସୁନ୍ଦର - ମନ୍ଦାର ଫୁଲ ଗୁଡିକ ସୁନ୍ଦର ଦିଶେ

ଚାନ୍ଦୁଆ - ମିଗିଲିରେ ଚାନ୍ଦୁଆ ମିଳେ

◆◆◆